# କଟକ ମହାନଗର ନିଗମ

## ଟ୍ୟାକ୍ସେସନ, ଫାଇନାନ୍ସ ଏବଂ ଆକାଉଣ୍ଟସ୍ ଷ୍ଟାଣ୍ଡିଙ୍ଗ କମିଟିର ୧୦ମ ବୈଠକ ବିବରଣୀ

### ତା-୨୪-୦୬-୨୦୧୫, ସମୟ ପୂର୍ବାହ୍ନ-୧୧.୦୦ ଘଟିକା

### ସ୍ଥାନ- ମହାନଗର ନିଗମ ସଭାଗୃହ

<u>ଉପସ୍ଥିତ ସଭ୍ୟ/ସଭ୍ୟା</u>

୧. ଶ୍ରୀଯୁକ୍ତ ଅଜୟ କୁମାର ବାରିକ - ଡ଼େପୁଟି ମେୟର ତଥା ଅଧକ୍ଷ
୨. ଶ୍ରୀଯୁକ୍ତ ଅନିଲ ନିଳାଦ୍ରୀ -ସଦସ୍ୟ
୩. ଶ୍ରୀଯୁକ୍ତ ଜୟଦେବ ଜେନା -ସଦସ୍ୟ
୪. ଶ୍ରୀଯୁକ୍ତା କାଂଚନ ଦାସ -ସଦସ୍ୟା
୫. ଶ୍ରୀଯୁକ୍ତ ହେମନ୍ତ କୁମାର ବେହେରା -ସଦସ୍ୟ
୬. ଶ୍ରୀଯୁକ୍ତା ଇତିଶ୍ରୀ ଦାସ-ସଦସ୍ୟା
୭. ଶ୍ରୀଯୁକ୍ତା ବୈଶାଲୀ ବେହେରା -ସଦସ୍ୟା

<u>ଉପସ୍ଥିତ ଅଧିକାରୀ</u>

୧. ଶ୍ରୀଯୁକ୍ତ ବିଶ୍ୱନାଥ ସାହୁ-ଅତିରିକ୍ତ କମିଶନର
୨. ଶ୍ରୀଯୁକ୍ତ ରମାକାନ୍ତ ନନ୍ଦ-ବିତ ଅଧିକାରୀ
୩. ଶ୍ରୀଯୁକ୍ତ ବିଜୟ କୁମାର ଦାସ-ରିକଭରି ଅଫିସର
୪. ଶ୍ରୀଯୁକ୍ତ ନିର୍ମଳ ଚନ୍ଦ୍ର ନାୟକ-ଉପ ସଚିବ
୫. ଶ୍ରୀମତୀ ପୁଷ୍ପାରାଣୀ ଟପୋ-ମୁଖ୍ୟ ସମିକ୍ଷକ
୬. ଶ୍ରୀଯୁକ୍ତ ପ୍ରହଲ୍ଲାଦ ପାତ୍ର-ଟ୍ୟାକ୍ସ ଦାରୋଗା
୭. ଶ୍ରୀଯୁକ୍ତ ପ୍ରକାଶ କୁମାର ଲେଙ୍କା-ଟ୍ୟାକ୍ସ ଦାରୋଗା

ଅଦ୍ୟ ତା ୨୪.୦୬.୨୦୧୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ କଟକ ମହାନଗର ନିଗମ ସଭାଗୃହରେ ନିଗମର ଟ୍ୟାକ୍ସେସନ, ଫାଇନାନ୍ସ ଏବଂ ଆକାଉଣ୍ଟସ୍ ଷ୍ଟାଣ୍ଡିଙ୍ଗ କମିଟିର ୧୦ମ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ଅଧକ୍ଷ ଶ୍ରୀଯୁକ୍ତ ଅଜୟ କୁମାର ବାରିକ, ଡ଼େପୁଟି ମେୟର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ଅଧକ୍ଷ ଉପସ୍ଥିତ ଥିବା କମିଟିର ସଭ୍ୟ / ସଭ୍ୟା, ତଥା ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା ।

କାର୍ଯ୍ୟସୂଚୀ ଅନୁଯାୟୀ ବିସ୍ତୃତ ଆଲୋଚନା କରାଯାଇ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକମାନ ଗ୍ରହଣ କରାଯିବା ସହ କାଉନସିଲର ଅନୁମୋଦନ ନିମନ୍ତେ ସୁପାରିଶ କରାଗଲା ।

୧. ଗତ ମେ'୨୦୧୫ ମାସରେ ନିଗମର ବିଭିନ୍ନ ସୁତ୍ରରୁ ଆୟ ଓ ବ୍ୟୟ ସମ୍ପର୍କରେ ସମିକ୍ଷା କରାଯାଇଥିଲା । ଏହି ମାସ ମଧରେ ନିଗମର ନିଜସ୍ୱ ଆୟ (Including Octroi Grant) ଟ. ୧୭,୭୩,୯୪,୭୬୨.୮୫ ହୋଇଥିବା ସ୍ଥଳେ ବିଭିନ୍ନ ଯୋଜନାରେ ଟ. ୮୨,୦୩,୦୩୫.୦୦ ସରକାରୀ ଅନୁଦାନ ଭାବେ ପ୍ରାପ୍ତ ହୋଇଥିବା ପ୍ରକାଶ କରାଯାଇଥିଲା । ସେହିପରି ଉକ୍ତ ମାସ ମଧରେ ନିଗମର ନିଜସ୍ୱ ଆୟ ମଧରୁ ବିଭିନ୍ନ ବାବଦରେ ଟ. ୫,୬୩,୯୬,୫୧୯.୦୦ ଏବଂ ପୂର୍ବରୁ ପ୍ରାପ୍ତ ହୋଇଥିବା ଅନୁଦାନ ମଧରୁ ଟ. ୯,୯୭,୫୩,୫୫୨.୦୦ ବ୍ୟୟ କରାଯାଇଥିବାର ସୂଚନା ପ୍ରଦାନ କରାଯାଇଥିଲା । ଉକ୍ତ ମାସ ମଧରେ ନିଗମର ଆୟ ଓ ବ୍ୟୟ ସମ୍ପର୍କରେ ବିସ୍ତୃତ ବିବରଣୀ ANNEXURE-I ମାଧମରେ ସମସ୍ତ ସଦସ୍ୟ / ସଦସ୍ୟା ମାନଙ୍କ ଅବଗତ ନିମନ୍ତେ ସଂଲଗ୍ନ କରାଗଲା ।

୨. ମେ'୨୦୧୫ ମାସ ସୁଦ୍ଧା ନିଗମର ଆର୍ଥିକ ସ୍ଥିତି ସମ୍ପର୍କରେ ଏକ ରିପୋର୍ଟ ବିତ ଅଧିକାରୀଙ୍କ ଦ୍ୱାରା କାଉନସିଲର ଆସନ୍ତା ବୈଠକରେ ସମସ୍ତ ସଦସ୍ୟ / ସଦସ୍ୟା ମାନଙ୍କ ଅବଗତ ନିମନ୍ତେ ଉପସ୍ଥାପନ କରାଯିବା ନିମନ୍ତେ ସ୍ଥିର କରାଗଲା ।

୩. ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ବିଭିନ୍ନ ଯୋଜନାରେ ପ୍ରାପ୍ତ ଅନୁଦାନର ବିବରଣୀ, ପ୍ରଥମେ ଫାଇନାନ୍ସ ଷ୍ଟାଣ୍ଡିଙ୍ଗ କମିଟି ବୈଠକରେ ଉପସ୍ଥାପନ କରାଯାଇ, ସମ୍ପୃକ୍ତ ଷ୍ଟାଣ୍ଡିଙ୍ଗ କମିଟିର ସୁପାରିଶ ତଥା କାଉନସିଲର ଅନୁମୋଦନ କ୍ରମେ ସମ୍ପୃକ୍ତ ଅନୁଦାନର ବିନିଯୋଗ କରାଯିବାକୁ ସ୍ଥିର କରାଗଲା ।

୪. ୨୦୧୪-୧୫ ଆର୍ଥିକ ବର୍ଷ ଶେଷ ସୁଦ୍ଧା ବିଭିନ୍ନ ଯୋଜନାରେ ପ୍ରାପ୍ତ ହୋଇଥିବା ଅନୁଦାନ ଏବଂ ବିନିଯୋଗ ପ୍ରମାଣ ପତ୍ର ପ୍ରଦାନ ସମ୍ପର୍କରେ ଏକ ରିପୋର୍ଟ କମିଟିର ଆସନ୍ତା ବୈଠକରେ ଉପସ୍ଥାପନା କରାଯିବାକୁ ସ୍ଥିର କରାଗଲା ।

୫. ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ନିର୍ଦ୍ଦିଷ୍ଟ ଭାବେ ୫୯ଟି ୱାର୍ଡ଼ର ଗୃହ ଟିକସ ଏବଂ ହୋଲଡ଼ିଙ୍ଗ ନମ୍ବରର ଡ଼ାଟାବେସ ପ୍ରସ୍ତୁତ କରାଯାଇ, ୱାର୍ଡ଼ ୱାରୀ ଗୃହ ଟିକସର ଆକଳନ କରାଯିବାକୁ ସ୍ଥିର କରାଗଲା । ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବା ନିମନ୍ତେ ନିର୍ଦ୍ଧାରିତ ସମୟସୀମା ଧାର୍ଯ୍ୟ କରାଯାଇ, ଅତିରିକ୍ତ କର୍ମଚାରୀଙ୍କୁ ଦାୟୀତ୍ୱ ପ୍ରଦାନ କରାଯିବାକୁ ମଧ୍ୟ ସ୍ଥିର କରାଗଲା ।

୬. ୱାର୍ଡ଼ ୱାରୀ Holding Tax Bifurcation କାର୍ଯ୍ୟ ସମାପ୍ତ ହେବା ପରେ On Line Data Entry of Holding Tax କରାଯିବା ନିମନ୍ତେ ସୁପାରିଶ କରାଗଲା ।

୭. Holding Tax ର Re-assessment କାର୍ଯ୍ୟ ନିମନ୍ତେ ସମ୍ପୃକ୍ତ ଟ୍ୟାକ୍ସ କଲେକ୍ଟର ମାନଙ୍କୁ ମାସିକ ଟାର୍ଗେଟ ପ୍ରଦାନ କରାଯିବାକୁ ସ୍ଥିର କରାଗଲା ।

୮. ବିଭିନ୍ନ ସରକାରୀ ଅନୁଷ୍ଠାନ ଉପରେ ବକେୟା ରହିଥିବା ଗୃହ ଟିକସର ବିସ୍ତୃତ ବିବରଣୀ, କମିଟିର ଆସନ୍ତା ବୈଠକରେ ଉପସ୍ଥାପନା କରାଯିବାକୁ ସ୍ଥିର କରାଗଲା ।

୯. ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ, ବିଭିନ୍ନ ସରକାରୀ ଅନୁଦାନର ବିନିଯୋଗ ସମ୍ପର୍କରେ ସରକାରଙ୍କ ଅନୁମୋଦିତ Guidelines ଗୁଡ଼ିକର ଏକ ନକଲ ଫାଇନାନ୍ସ ଷ୍ଟାଣ୍ଡିଙ୍ଗ କମିଟିର ସଦସ୍ୟ / ସଦସ୍ୟା ମାନଙ୍କୁ ପ୍ରଦାନ କରାଯିବା ନିମନ୍ତେ ସ୍ଥିର କରାଗଲା ।

୧୦. ନିଗମ ଅଧିନରେ ବର୍ତମାନ ସୁଦ୍ଧା ବିଭିନ୍ନ ପଦବୀର Sanctioned Strength ଏବଂ ମାସିକ ବେତନ ପ୍ରଦାନ ବାବଦରେ କରାଯାଉଥିବା ଖର୍ଚ୍ଚ ସମ୍ପର୍କରେ ସବିଶେଷ ବିବରଣୀ କମିଟିର ଆସନ୍ତା ବୈଠକରେ ଉପସ୍ଥାପନା କରାଯିବାକୁ ସ୍ଥିର କରାଗଲା ।

ସର୍ବଶେଷରେ ବୈଠକରେ ଉପସ୍ଥିତ ଥିବା ମାନ୍ୟବର ମେୟର, କମିଟିର ସଭ୍ୟ / ସଭ୍ୟା ତଥା ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇ, ସଭା ସାଙ୍ଗ କରାଯାଇଥିଲା ।

(ଅଜୟ କୁମାର ବାରିକ)
ଡ଼େପୁଟି ମେୟର ତଥା ଅଧକ୍ଷ
ଟ୍ୟାକ୍ସେସନ, ଫାଇନାନ୍ସ ଏବଂ ଆକାଉଣ୍ଟସ୍ ଷ୍ଟାଣ୍ଡିଙ୍ଗ କମିଟି

ଜ୍ଞାପକ ସଂ 1144 ତା 24.6.15

ଏହାର ଏକ କିତା ନକଲ ନିର୍ଦ୍ଦେଶକ, ପୌର ପ୍ରଶାସନ ଏବଂ ପଦ ପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର , ଭୁବନେଶ୍ୱର / ସଚୀବ, ରାଜସ୍ୱ କମିଶନର (କେନ୍ଦ୍ରାଂଚଳ), କଟକ / ଜିଲ୍ଲାପାଳ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଡ଼େପୁଟି ସେକ୍ରେଟେରୀ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ........1145....ତା...16.6.15

ଏହାର ଏକ କିତା ନକଲ କଟକ ମହାନଗର ନିଗମର ସମସ୍ତ  କର୍ପୋରେଟର ମାନଙ୍କ ଅବଗତି  ନିମନ୍ତେ ପ୍ରେରଣ କରାଗଲା ।

ଡେ଼ପୁଟି ସେକ୍ରେଟେରୀ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ........1146....ତା...16.6.15

ଏହାର ଏକ କିତା ନକଲ କମିଶନର  / ଅତିରିକ୍ତ କମିଶନର / ଡେ଼ପୁଟି କମିଶନର-୧ / ଡେ଼ପୁଟି କମିଶନର-୨ / ନଗର ଯନ୍ତ୍ରୀ / ନିର୍ବାହୀ ଯନ୍ତ୍ରୀ (୧ ଓ ୨) / ନଗର ସ୍ୱାସ୍ଥ୍ୟ ଅଧିକାରୀ / ବିତ ଅଧିକାରୀ / ସଚିବ / ମୁଖ୍ୟ ସମିକ୍ଷକ / ରିକଭରୀ ଅଫିସରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଡେ଼ପୁଟି ସେକ୍ରେଟେରୀ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ........1147....ତା...16.6.15

ଏହାର ଏକ କିତା ନକଲ ଡେ଼ପୁଟି ମେୟର / ମେୟରଙ୍କ ସହାୟକ ଏବଂ ନିଗମର ସମସ୍ତ ବିଭାଗୀୟ ମୁଖ୍ୟ ସହାୟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଡେ଼ପୁଟି ସେକ୍ରେଟେରୀ
କଟକ ମହାନଗର ନିଗମ, କଟକ

ANNEXURE-I
FSC-24.6.15

# RECEIPTS & PAYMENTS FOR THE MONTH OF 05/2015

| | CMC RECEIPTS | |
|---|---|---|
| A | Trade License/Hoarding/Rent on K Mandap | 1,294,612.00 |
| | Marriage Regn. Fees | 25,500.00 |
| | Septic Tank Cleaning | 33,450.00 |
| | Audit Recovery | 660.00 |
| | Town Bus | 10,468.00 |
| | User Fees | 305,630.00 |
| | Holding Tax | 10,491,535.85 |
| | Demolition Charges | 11,100.00 |
| | Cattle Pounding Charges | 14,650.00 |
| | Tender Paper | 201,200.00 |
| | EMD/APS | 276,124.00 |
| | Octroi Grant | 164,639,000.00 |
| | Other Fees | 90,833.00 |
| | **TOTAL** | **177,394,762.85** |

| | CMC PAYMENT | |
|---|---|---|
| C | Salary/5th Pay Arrear/Increament/HRA/DA | 39,977,744.00 |
| | TDS/WCT/Rayalty/Cess | 3,129,567.00 |
| | Unutilised | 200,000.00 |
| | Gratuity | 1,488,986.00 |
| | Other Expenses | 511,628.00 |
| | SECC | 30,000.00 |
| | Deer /Cattle Feeding | 14,050.00 |
| | Advertisement | 220,556.00 |
| | Pension/Arear Pension | 4,894,923.00 |
| | Fuel Expenses (KFS) | 1,668,007.00 |
| | Telephone | 41,418.00 |
| | Electricity Exp | 3,906,011.00 |
| | Health/SWM/Pvt Wages | 131,369.00 |
| | Refund of SD/EMD/Temporary Gate | 182,260.00 |
| | TOTAL | **56,396,519.00** |

| | GRANT RECEIPT | |
|---|---|---|
| B | Interest | 703,035.00 |
| | AWC | 4,500,000.00 |
| | MPLAD/MLALAD | 3,000,000.00 |
| | **TOTAL** | **8,203,035.00** |

| | GRANT PAYMENT | |
|---|---|---|
| D | Motor Vehicle Tax | 4,870,215.00 |
| | Road Development | 2,259,748.00 |
| | Devolution | 7,935,130.00 |
| | JIACA | 748,747.00 |
| | Road & Bridges | 5,036,754.00 |
| | MBPY | 9,519,800.00 |
| | TFC | 32,349,878.00 |
| | Entertainment Tax | 66,043.00 |
| | City Bus Services | 12,995,300.00 |
| | MPLAD | 323,818.00 |
| | AWC/CDPO | 2,216,330.00 |
| | DEABAS | 48,600.00 |
| | Security Deposit | 725,555.00 |
| | Harishchandra Sahayata Yozana | 363,000.00 |
| | SDRF | 17,458,560.00 |
| | UAC | 2,836,074.00 |
| | **TOTAL** | **99,753,552.00** |